# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 19 June – 2026

**************************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି। ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ।
- ନୂଆଦିଲ୍ଲୀଠାରେ ଆଜି 'ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା' ଅଧିନରେ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ।
- ରାଜ୍ୟର ବିଭିନ୍ନ କଲେଜରେ ସ୍ନାତକରେ ନାମଲେଖା ପାଇଁ ସିଟ୍‌ସଂଖ୍ୟା ବୃଦ୍ଧି।

ଏବଂ

- ରକ୍ତହୀନତାର କାରଣ ଓ ନିରାକରଣ ଉପରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ରକ୍ତଶିଜୁଳି ଦିବସ।

# ରାଷ୍ଟ୍ରପତି ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ ସମୟରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ରାଷ୍ଟ୍ରପତି’ କୁସୁମି ବ୍ଲକ ଅନ୍ତର୍ଗତ ୧୧୩ଟି ଖଣି ପ୍ରଭାବିତ ଗ୍ରାମରେ ଏକ ବୃହତ ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ ଏବଂ ରାଇରଙ୍ଗପୁରରେ ନବନିର୍ମିତ ପୁଲିସ ଜିଲ୍ଲାର ଲୋକାର୍ପଣ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ପହଞ୍ଚିବା ପରେ ପାହାଡ଼ପୁରଠାରେ ରାଷ୍ଟ୍ରପତିଙ୍କ ସହ ଏକ ସାଧାରଣ ସଭାରେ ଯୋଗଦେଇ ରାଜ୍ୟର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ୨ ବର୍ଷ ପୂରଣ ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ୪୭ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ

ଯୋଗାଯୋଗ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ର ସାମିଲ ରହିଛି। ଏଥିସହ ଭୁବନେଶ୍ୱରରେ ୩୦୦ ଟିପିଡି କ୍ଷମତା ବିଶିଷ୍ଟ କଠିନ ବର୍ଜ୍ୟବସ୍ତୁ ଆଧାରିତ ବାୟୋଗ୍ୟାସ୍ ପ୍ଲାଣ୍ଟ କଟକ ଓ ଭୁବନେଶ୍ୱରକୁ ସଂଯୋଗ କରୁଥିବା କାଠଯୋଡ଼ି ନଦୀସେତୁ, ବୌଦ୍ଧ ଜିଲ୍ଲାର ଢାଳପୁର ହରଭଙ୍ଗା ସଡ଼କର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଆଦି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯିବ। ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୩୦୦ ଶଯ୍ୟାବିଶିଷ୍ଟ ନୂତନ ଭବନ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ, ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି।

***Desk***

## ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା – ପି.ଏମ୍–ଭି.ବି.ଆର୍.ୱାଇ. ଅଧୀନରେ ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ସହାୟତା ମିଳିପାରିଛି। ଯୋଜନାରେ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। ପ୍ରତ୍ୟେକ ଅତିରିକ୍ତ ନିଯୁକ୍ତି ଉପରେ

ନିଯୁକ୍ତିଦାତାଙ୍କୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ, ଶ୍ରମ, ନିଯୋଜନ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦେଶରେ ରୋଜଗାର ସୃଷ୍ଟିକୁ ସମର୍ଥନ ତଥା ରୋଜଗାର କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଦେଶରେ କାର୍ଯ୍ୟକାରୀ କରିଛନ୍ତି।

Desk

## ପିଏମ୍-କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପିଏମ୍-କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କରିବେ। ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦେଶର ୯ କୋଟି ୪୪ ଲକ୍ଷରୁ ଅଧିକ କୃଷକଙ୍କ ବ୍ୟାଙ୍କଖାତାକୁ ୧୮ ହଜାର ୮୮୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରିବେ। ୨୦୧୯ ମସିହାରୁ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା କୃଷକଙ୍କ ଜମାଖାତାକୁ ପ୍ରାୟ ସାଢ଼େ ଚାରିଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି।

Nayagarh

## ଜାତି ଜନଜାତି ସମ୍ବାଦ ବୈଠକ

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକରେ "ଜାତି ଜନଜାତି ସମ୍ବାଦ ବୈଠକ" ଅନୁଷ୍ଠିତ ହୋଇଯାଇଛି।

ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ବିଭିନ୍ନ ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା ।

Desk

## ସ୍ନାତକରେ ସିଟ୍‌ସଂଖ୍ୟା ବୃଦ୍ଧି

ରାଜ୍ୟର ବିଭିନ୍ନ କଲେଜରେ ସ୍ନାତକରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସିଟ୍‌ସଂଖ୍ୟା ବୃଦ୍ଧି କରାଯାଇଛି । ଚଳିତ ଶିକ୍ଷାବର୍ଷରେ ମୋଟ ୧୦ ହଜାର ୩୭୨ଟି ସିଟ୍ ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନରେ କିଛି ନିର୍ଦ୍ଦିଷ୍ଟ ବିଷୟରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ଦ୍ଧିତ ସିଟ୍‌ସଂଖ୍ୟା 'ସାମ୍ସ ପୋର୍ଟାଲ'ରେ ଅପଡେଟ୍ କରାଯାଇଛି । ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧ ହଜାର ୨୧୬ଟି ସିଟ୍ ଏବଂ ସରକାରୀ କଲେଜରେ ୪ ହଜାର ୬୮୪ଟି ସିଟ୍‌କୁ ବୃଦ୍ଧି କରାଯାଇଛି । ସେହିଭଳି ୪୮୮ ବର୍ଗ ଅନୁଦାନପ୍ରାପ୍ତ କଲେଜରେ ୩ ହଜାର ୪୧୬ଟି ସିଟ୍, ୬୬୨ ବର୍ଗ ଅନୁଦାନପ୍ରାପ୍ତ କଲେଜରେ ୧ ହଜାର ୫୬ଟି ସିଟ୍ ବୃଦ୍ଧି ପାଇଥିବା ନେଇ ସୂଚନା ମିଳିଛି ।

Sambalpur

## ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଦେବ ଦେବ ମହାଦେବ ଏବଂ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି । ଶୀତଳଷଷ୍ଠୀର ମୁଖ୍ୟ ଆକର୍ଷଣ ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡ୍ଡୁଆପଡ଼ାର ଲୋକନାଥ ବାବା, ମୁଦିପଡ଼ାର ଯାଜ୍ଞେଶ୍ୱର ବାବାଙ୍କ ସମେତ ବଡ଼ବଜାରର ଶୀତଳେଶ୍ୱର ବାବାଙ୍କ ଶୋଭାଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଜନସମାଗମ ଦେଖିବାକୁ ମିଳିଥିଲା। ଆଜି ରାତିରେ ଶିବପାର୍ବତୀଙ୍କ ମହାଆଳତି ପରେ ନଗରଭ୍ରମଣ କରି ଯୁଗଳ ଦର୍ଶନ ଦେବେ। ଶୋଭାଯାତ୍ରା ଆଜି ରାତିରୁ ବାହାରି ଆସନ୍ତାକାଲି ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶୀତଳଷଷ୍ଠୀ ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ମହାଦେବଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଶୀତଳଷଷ୍ଠୀ ଉତ୍ସବ ଆମ ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଗୌରବର ଏକ ଅନନ୍ୟ ପ୍ରତୀକ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୀତଳଷଷ୍ଠୀର ଶୁଭେଚ୍ଛା ଜଣାଇ ରାଜ୍ୟବାସୀଙ୍କ ସୁଖଶାନ୍ତି କାମନା କରିଛନ୍ତି।

Bhadrak

## ମକ୍‌ଡିଲ କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାପ୍ରଶାସନ ପକ୍ଷରୁ ଚାନ୍ଦବାଲି, ଧାମରା ଓ ବାସୁଦେବପୁର ସମେତ ୧୦୦ରୁ ଊର୍ଦ୍ଧ୍ୱ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ବିପର୍ଯ୍ୟୟର

ମୁକାବିଲା ପାଇଁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ଓ ସ୍ୱାସ୍ଥ୍ୟବିଭାଗର ଅଧିକାରୀମାନେ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଭୟଭୀତ ନ ହୋଇ ସାହସର ସହିତ ବିପର୍ଯ୍ୟୟର ମୁକାବିଲା ପାଇଁ ପରାମର୍ଶ ଦେଇଛନ୍ତି।

Debgarh

## ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗର ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

Rayagada

## ନିଟ୍ ୟୁଜି ପୁନଃପରୀକ୍ଷା

ନିଟ୍ ୟୁଜି ପୁନଃପରୀକ୍ଷାରେ ଅଂଶଗ୍ରହଣ କରିଥିବା ପରୀକ୍ଷାର୍ଥୀଙ୍କ ସୁବିଧା ନିମନ୍ତେ ରାୟଗଡ଼ା ଜିଲ୍ଲାରେ ମାଗଣା ବସ୍‌ସେବାର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଗୁଣପୁର, ପଦ୍ମପୁର, କୋଲନରା, କାଶୀପୁର ଓ ମୁନିଗୁଡ଼ାରୁ ସକାଳ ୭ଟାରୁ ୮ଟା ମଧ୍ୟରେ ବସ୍ ଛାଡ଼ିବ ଏବଂ ପରୀକ୍ଷା ଶେଷ ହେବାର ୩୦

ମିନିଟ୍ ପରେ ସମସ୍ତ ବସ୍ ସମ୍ପୃକ୍ତ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି ।

Rayagada

## ଏସ୍ଆଇଆର୍

ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଆଜି ଜିଲ୍ଲା ପୌରାଞ୍ଚଳ ପରିଦର୍ଶନ କରି ଏସ୍.ଆଇ.ଆର୍ ଫର୍ମ ପୂରଣ ଏବଂ ଡିଜିଟାଇଜେସନ ପ୍ରକ୍ରିୟାର ଅଗ୍ରଗତି ସମୀକ୍ଷା କରିଛନ୍ତି । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏସ୍ଆଇଆର୍ ପ୍ରକ୍ରିୟାକୁ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***Desk, Nabarangpur***

## ସିକିଲ୍ ସେଲ୍ ଦିବସ

ରକ୍ତହୀନତାର କାରଣ ଓ ନିରାକରଣ ପ୍ରତି ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିକିଲ୍ ସେଲ୍ ବା ରକ୍ତଶିକୁଳୀ ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି – **"ଜୀବନ ରକ୍ଷା ବ୍ୟବଧାନକୁ ହ୍ରାସ କରିବା : ରକ୍ତଶିକୁଳି ଯତ୍ନରେ ସମାନତା"** । ଏହି ରୋଗରେ ଲାଲ ରକ୍ତକଣିକା ସାଧାରଣ ଆକୃତି ପରିବର୍ତ୍ତେ ଶିକୁଳି ଆକୃତି ଧାରଣ କରିଥାଏ । ଫଳରେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ଓ ଅମ୍ଳଜାନର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହୁଏ । ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଏ । ରକ୍ତଶିକୁଳିର ନିରାକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ

ସରକାରଙ୍କ ପକ୍ଷରୁ ବ୍ୟାପକ ସ୍କ୍ରିନିଂ ସଚେତନତା ସୃଷ୍ଟି ଓ ଚିକିତ୍ସାସେବା ଯୋଗାଇ ଦିଆଯାଉଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ରୋଗର ଚିହ୍ନଟ ଓ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ରକ୍ତହୀନତା ସମ୍ପର୍କରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସପିଟାଲର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି .....

**- V/O -**

ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ରକ୍ତଶିକୁଳି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା ହୋଇଛି। ଜିଲ୍ଲାରେ ୨ ହଜାର ୯୬୮ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି।

Desk

## ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। କାଳବୈଶାଖୀ ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।